## ସଂକ୍ଷେପରେ

### ୪୭ ଆକ୍ରାନ୍ତ, ୯୦ ସୁସ୍ଥ

**ଢେଙ୍କାନାଳ ଅଫିସ, ୨।୧୦:** ଢେଙ୍କାନାଳ ଜିଲାରୁ ଶୁକ୍ରବାର ୪୭ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେହିପରି ଚିକିତ୍ସା ପରେ ୯୦ଜଣ ସୁସ୍ଥ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ଓଡ଼ାପଡ଼ା ବ୍ଲକର ୧୪, ସଦର ବ୍ଲକର ୯, ଢେଙ୍କାନାଳ ପୌରାଞ୍ଚଳ ୮, ହିନ୍ଦୋଳ ବ୍ଲକର ୩, ଗଁଦିଆ ବ୍ଲକର ୩, କଙ୍କଡାହାଡ ବ୍ଲକର ୨, ପରଜଙ୍ଗ ବ୍ଲକର ୨, ହିନ୍ଦୋଳ ଏନ୍ଏସିର ୨, କାମାକ୍ଷାନଗର ବ୍ଲକ ଏବଂ ଏନ୍ଏସିର ୨, ଭୁବନ ବ୍ଲକର ୨ ଜଣ ଅଛନ୍ତି। ଜିଲାରୁ ବର୍ତ୍ତମାନ ସୁଦ୍ଧା ମୋଟ୍ ୩୮୪୩ ସଂକ୍ରମିତ ହୋଇଥିବାବେଳେ ୩୨୭୩ ସୁସ୍ଥ ହୋଇ ଫେରିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ବିଛନ୍ଦ ଚରଣଙ୍କୁ ସମ୍ବର୍ଦ୍ଧନା

**କଣିହାଁ,୨।୧୦(ଡି.ଏନ.ଏ.):** ଗାନ୍ଧୀ ଜୟନ୍ତୀ ଅବସରରେ ତାଳଚେର ପ୍ରଶାସନ ପକ୍ଷରୁ ଗଡ଼ଜାତ ଆନ୍ଦୋଳନର ଅନ୍ୟତମ ପୁରୋଧା ତଥା ବର୍ଷୀୟାନ ସ୍ୱାଧୀନତା ସଂଗ୍ରାମୀ ବିଛନ୍ଦ ଚରଣ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ତାଳଚେର ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁ, କଣିହାଁ ତହସିଲଦାର ପତିତପାବନ ଦେବତା, ବିଡିଓ ରମେଶ କୁମାର ଜେନା ଏବଂ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ ସଂଗ୍ରାମୀଙ୍କ କଂସମୁଣ୍ଡାସ୍ଥିତ ବାସଭବନରେ ପହଞ୍ଚି ଉତ୍ତରୀୟ ପ୍ରଦାନ କରିବା ସହ ତାଙ୍କ ଆରୋଗ୍ୟ କାମନା କରିଥିଲେ। ସମିତି ସଭ୍ୟ ଦେବେନ୍ଦ୍ର ବାରିକ, ଶିକ୍ଷକ ସିଦ୍ଧିପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ୫ ଦୋକାନ ସିଲ୍

**ବଇଣ୍ଡା,୨।୧୦(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଅଞ୍ଚଳରେ ଶୁକ୍ରବାର କୋଭିଡ୍ କଟକଣା ପାଳନ ହେଉଛି କି ନାହିଁ ତାହାର ଯାଞ୍ଚ କରାଯାଇଥିଲା। ସାପ୍ତାହିକ ହାଟ ବନ୍ଦ ଥିଲେ ବି ବଜାରରେ ଭିଡ଼ ହେଉଥିବାରୁ ତହସିଲଦାର ଡ. ସ୍ୱରୂପାନନ୍ଦ ସାହୁ ବିଭିନ୍ନ ଦୋକାନ ନିକଟରେ ପହଞ୍ଚି ମାସ୍କ ଓ ସାମାଜିକ ଦୂରତ୍ୱ ଯାଞ୍ଚ କରିଥିଲେ। ଏହି କଟକଣା ଉଲ୍ଲଂଘନ ଅଭିଯୋଗରେ ଦୋକାନୀ ପବନ କୁମାର ସାହୁ, ଗୋକୁଳାନନ୍ଦ ଶତପଥୀ, ଗତିକୃଷ୍ଣ ସାହୁ, କୃପାସିନ୍ଧୁ ସାହୁ, ସୁଶାନ୍ତ କୁମାର ପୋଡ଼ଙ୍କ ଦୋକାନକୁ ୨୪ ଘଣ୍ଟା ପାଇଁ ସିଲ୍ କରିଥିଲେ। ଏଥିସହ ୨ ହଜାର ଟଙ୍କା ଜରିମାନା ଆଦାୟ କରିଥିଲେ। ଠାକୁରଗଡ଼ ଥାନା ଏସ୍ଆଇ କରୁଣା କର ନନ୍ଦ ଏଥିରେ ସହଯୋଗ କରିଥିଲେ।

### ମହିଳାଙ୍କୁ ନିର୍ଯାତନା ଅଭିଯୋଗ

**ବଇଣ୍ଡା,୨।୧୦(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ପଥରଗୁମ୍ଫା ଗ୍ରାମର ଅନୁସୟା ସାହୁଙ୍କୁ ତାଙ୍କ ସ୍ୱାମୀ ଉପେନ୍ଦ୍ର ସାହୁ, ଶ୍ୱଶୁର ଅନିରୁଦ୍ଧ ସାହୁ, ଶାଶୁ ପ୍ରଣାଳୀ ସାହୁ, ଦେଢ଼ଶାଶୁ ମାମାଲି ସାହୁ ଯୌତୁକ ନିର୍ଯାତନା ଦେଉଥିବା ନେଇ ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏ ସଂକ୍ରାନ୍ତରେ ନଂ. ୧୭୮/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, କିଶୋରନଗର ଥାନା ରଣିଆକଟା ଗ୍ରାମର ଅନୁସୟା ଦେଢ଼ବର୍ଷ ତଳେ ଉପେନ୍ଦ୍ରଙ୍କୁ ବିବାହ କରିଥିଲେ। ତେବେ ଅଧିକ ଏକ ଲକ୍ଷ ଟଙ୍କା ଯୌତୁକ ଆଣିବାକୁ ଦାବି କରିବା ସହ ଶାଶୁଘର ଲୋକେ ମାଡ଼ ମାରୁଥିବା ଅଭିଯୋଗରେ ଦର୍ଶାଯାଇଛି।

# ଛାତ ତଳେ ରହିବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି

- ୯୦ ଦିନ ମଧ୍ୟରେ ନିର୍ମାଣ ସରିବ
- ଗାନ୍ଧୀମାର୍ଗର ସୌନ୍ଦର୍ଯ୍ୟକରଣ ହେବ
- ପରିଦର୍ଶନ ପରେ ଜିଲାପାଳଙ୍କ ଘୋଷଣା

**ଅନୁଗୋଳ ଅଫିସ, ୨।୧୦**



ପ୍ରତିମୂର୍ତ୍ତିସ୍ଥଳ ପରିଦର୍ଶନ ପରେ ଜିଲାପାଳ ଉନ୍ନତି ନେଇ ଆଲୋଚନା କରୁଛନ୍ତି।

ଅନୁଗୋଳ ସହର ଗାନ୍ଧୀମାର୍ଗର ଛବି ବଦଳିବ। ଖୋଲା ଆକାଶ ତଳେ ଦୀର୍ଘଦିନ ହେଲା ଥିବା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉପରେ ୩ ମାସ ମଧ୍ୟରେ ଛାତ ନିର୍ମାଣ ହେବ। ଏଥିସହ ଅନ୍ୟାନ୍ୟ ବିକାଶ କାର୍ଯ୍ୟ ମଧ୍ୟ କରାଯିବ। ଶୁକ୍ରବାର ଗାନ୍ଧୀ ଜୟନ୍ତୀ ଅବସରରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଗାନ୍ଧୀମାର୍ଗସ୍ଥିତ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ଶିଳାନ୍ୟାସ ସ୍ଥାନ ପରିଦର୍ଶନ କରି ଏହି ଘୋଷଣା କରିଛନ୍ତି।

ସୂଚନାଯୋଗ୍ୟ ଯେ, ୧୯୩୪ ମେ ୬ ତାରିଖରେ ଗାନ୍ଧୀ ଅନୁଗୋଳ ଆସିଥିଲେ। ସହରର ହୁଲୁରୁସିଂହା ରାସ୍ତାରୁ ପିଟିସି ଛକ ରାସ୍ତାରେ ପଦଯାତ୍ରାରେ ଯାଇଥିଲେ। ଏବେକାର ଶିମିଳିପଡ଼ା (ସେ ସମୟର ରାଣୀଗୋଡ଼ା ଆମ୍ବତୋଟା)ରେ ବିଶାଳ ଜନସମାବେଶରେ ଉଦ୍‌ବୋଧନ ଦେଇଥିଲେ। ଏହି ପବିତ୍ର ସ୍ମୃତିକୁ ଲୋକଲୋଚନକୁ ଆଣିବା ପାଇଁ ୨୦୧୯ ଅକ୍ଟୋବର ୨ ତାରିଖରେ ପ୍ରଶାସନ ପକ୍ଷରୁ ଗାନ୍ଧୀ ମାର୍ଗରେ ଏକ ଫଳକ ଲଗାଯିବା ସହ ହୁଲୁରୁସିଂହା-ପିଟିସି ରାସ୍ତାକୁ ଗାନ୍ଧୀମାର୍ଗ ବୋଲି ଆନୁଷ୍ଠାନିକ ଘୋଷଣା କରାଯାଇଥିଲା। କିନ୍ତୁ ପ୍ରତିମୂର୍ତ୍ତି ଉପରେ ଛାତଟିଏ ପକାଯାଇ ନ ଥିଲା କି ଅନ୍ୟ ବିକାଶ କାର୍ଯ୍ୟ ଉପରେ ଧ୍ୟାନ ଦିଆଯାଇ ନ ଥିଲା। ତେବେ ନୂତନ ଜିଲାପାଳ ସ୍ୱାଇଁ ଏହାର ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱ ଦେଇଛନ୍ତି। ଆବଶ୍ୟକ ପଡ଼ିଲେ ଗାନ୍ଧୀମାର୍ଗରେ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ବେଞ୍ଚ ସହ ସେମାନଙ୍କ ବିଷୟରେ ଆଲେଖ୍ୟ ମଧ୍ୟ ରଖାଯିବ ବୋଲି କହିଛନ୍ତି। ଜିଲାପାଳଙ୍କ ସହ ଅତିରିକ୍ତ ଜିଲାପାଳ ତପନ କମାର ଶତପଥୀ, ଉପଜିଲାପାଳ ବାସୁଦେବ ଶତପଥୀ ଓ ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ଜିଲାସ୍ତରୀୟ ଜୟନ୍ତୀ

**ଅନୁଗୋଳ ଅଫିସ, ୨।୧୦-** ଜାତିର ଜନକ ମହାତ୍ମା ଗାନ୍ଧୀ ଓ ଶାନ୍ତିର ଦୂତ ଲାଲବାହାଦୁର ଶାସ୍ତ୍ରୀଙ୍କ ଜିଲାସ୍ତରୀୟ ଜୟନ୍ତୀ ଶୁକ୍ରବାର ଗାନ୍ଧୀ ପାର୍କ ଠାରେ ପାଳିତ ହୋଇଯାଇଛି। ଜିଲା ଓଡ଼ିଆ ଭାଷା, ସାହିତ୍ୟ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଏହା ଆୟୋଜିତ ହୋଇଥିଲା। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ ପୌରପାଳିକା ପକ୍ଷରୁ ସ୍ୱଚ୍ଛତା ଶପଥପାଠ ଓ ଏକ ସାଇକେଲ ରାଲି କରାଯାଇଥିଲା। ପରେ ଜିଲାପାଳ ଆଦୃତା ଶିଶୁ ଗୃହ ଓ ସ୍ୱଧାର ଗୃହ ପରିଦର୍ଶନ କରି ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରିଥିଲେ। ବାଜି ରାଉତ ଛାତ୍ରାବାସରେ ଛାତ୍ରୀମାନେ ଗାନ୍ଧୀଙ୍କ ପ୍ରିୟ ଭଜନ ଗାନ କରିଥିଲେ। ମଧ୍ୟାହ୍ନରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଓସୱାନ ହଲରେ ଗାନ୍ଧୀଙ୍କ ଉପରେ ଆଲୋଚନା ହୋଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶରତ ଚନ୍ଦ୍ର ସେଠୀ ଧନ୍ୟବାଦ ଦେଇଥିଲେ।

# ପ୍ରୋଜେକ୍ଟ ସ୍ୱସ୍ତିର ଶୁଭାରମ୍ଭ

**ଅନୁଗୋଳ ଅଫିସ, ୨।୧୦**

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡର ସାମାଜିକ ଦାୟିତ୍ୱବୋଧ ବିଭାଗ ଭାବେ କାର୍ଯ୍ୟ କରୁଥିବା ଜେଏସ୍‌ପିଏଲ୍ ଫାଉଣ୍ଡେଶନ ପକ୍ଷରୁ ଆନ୍ତର୍ଜାତିକ ବୟସ୍କ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜାମୁଣ୍ଡା ଜଙ୍ଗଲସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ପ୍ରୋଜେକ୍ଟ ସ୍ୱସ୍ତିର ଶୁଭାରମ୍ଭ କରାଯାଇଥିଲା। ବରିଷ୍ଠ ନାଗରିକଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନ ଏହି ପ୍ରୋଜେକ୍ଟର ଉଦ୍ଦେଶ୍ୟ। ଏହି କେନ୍ଦ୍ର ମାଧ୍ୟମରେ ମୁଖ୍ୟତଃ ନାଚୁରୋପାଥି, ଯୋଗ, ପ୍ରାଣାୟମ ଏବଂ ଫିଜିଓଥୋରାପି ସେବା ଆଦି ପ୍ରଦାନ କରାଯିବ। ଏଥିସହିତ ସେମାନଙ୍କୁ ଅକୁପେସନାଲ ହେଲଥ ସେଣ୍ଟର ଜେଏସପିଏଲର ଡାକ୍ତର, ଆଶା ଦି ହୋପ କେନ୍ଦ୍ରର ଫିଜିଓଥେରାପିଷ୍ଟ ଏବଂ ଯୋଗ ଓ ପ୍ରାଣାୟାମ ପ୍ରଶିକ୍ଷକଙ୍କ ମାଧ୍ୟମରେ ନିୟମିତ କାଉନସେଲିଂ କରାଯିବ। ଏହି ଅବସରରେ ଅକୁପେସନାଲ ହେଲଥ ସେଣ୍ଟରର ମୁଖ୍ୟ ଡାକ୍ତର କୃଷ୍ଣ ପ୍ରସାଦ ବେହେରା ଯୋଗଦେଇ ବୟସ୍କ ନାଗରିକଙ୍କ ପ୍ରତି ଜେଏସ୍‌ପିଏଲ ଫାଉଣ୍ଡେଶନର ପ୍ରତିବଦ୍ଧତା ବିଷୟରେ କହିଥିଲେ। ଜେଏସ୍‌ପିଏଲ୍ କାର୍ଯ୍ୟ ନିର୍ବାହୀ ମୁଖ୍ୟ ଦାମୋଦର ମିତ୍ତଲ କହିଥିଲେ, ବରିଷ୍ଠ ନାଗରିକମାନେ ଆମର ଯତ୍ନ ଏବଂ ଚିନ୍ତାର ଯୋଗ୍ୟ। ତେଣୁ ଆମେ ସେମାନଙ୍କ ଉନ୍ନତି ପାଇଁ ସାମଗ୍ରିକ ସହାୟତା ଜାରି ରଖିବା ଉଚିତ ବୋଲି ମିତ୍ତଲ ମତବ୍ୟକ୍ତ କରିଥିଲେ।



କାର୍ଯ୍ୟକ୍ରମରେ କମ୍ପାନୀର କର୍ମକର୍ତ୍ତା ଓ ଅନ୍ୟମାନେ।

# ଗଛ ତଳେ ପଡ଼ିରହିଲେ କରୋନା ଯୋଦ୍ଧା

**ଅନୁଗୋଳ ଅଫିସ, ୨।୧୦**

**ମିଳିଲାନି ଚିକିତ୍ସା**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶୁକ୍ରବାର ଜଣେ କରୋନା ଯୋଦ୍ଧାଙ୍କୁ ଚିକିତ୍ସା ମିଳିଲାନି। ଗଛ ତଳେ ୩ ଘଣ୍ଟା ପଡ଼ିରହିବା ପରେ ଶେଷରେ ସହରର ଅନ୍ୟ ଜଣେ ପ୍ରତିଷ୍ଠିତ ଡାକ୍ତରଙ୍କ ନିକଟରୁ ମେଡିସିନ୍ ନେଇ ଯୋଦ୍ଧାଜଣକ ଘରକୁ ଫେରିଥିବା ଅଭିଯୋଗ ହୋଇଛି।

ପ୍ରକାଶ ଯେ, ସମ୍ପୃକ୍ତ କରୋନା ଯୋଦ୍ଧାଙ୍କ ଘର ହେମସୁରପଡ଼ାରେ। ସେ କେନ୍ଦୁଝର ଜିଲା ଆନନ୍ଦପୁର ପୋଲିସ ବିଭାଗରେ କାର୍ଯ୍ୟ କରନ୍ତି। ୧୨ ଦିନ ପୂର୍ବରୁ ତାଙ୍କ ସ୍ୱାବ୍ ରିପୋର୍ଟ ପଜିଟିଭ ଆସିଥିଲା। ସେ ଆନନ୍ଦପୁରରେ ୭ ଦିନ ହୋମ୍ ଆଇସୋଲେଶନ୍‌ରେ ରହିଥିଲେ। ଏହାପରେ ନିଜ ଘର ହେମସୁରପଡ଼ାକୁ ଆସିଥିଲେ। ଏଠାରେ ପରିବାର ଲୋକଙ୍କ ସହ ମିଳାମିଶା ନ କରି ଆଇସୋଲେଶନ୍‌ରେ ରହିଥିଲେ। ଶୁକ୍ରବାର ସକାଳେ ଛାତିରେ ଯନ୍ତ୍ରଣା ହେବାରୁ ପରିବାର ଲୋକେ ପ୍ରଥମେ ପ୍ରଶାସନ ଜାରି କରିଥିବା ଫୋନ୍ ନମ୍ବରକୁ ଯୋଗାଯୋଗ କରିଥିଲେ। ସେଠାରୁ କୌଣସି ଉତ୍ତର ନ ମିଳିବାରୁ ସ୍କୁଟିରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। କିନ୍ତୁ ଚିକିତ୍ସା ପାଇଁ ମେଡିକାଲ ପକ୍ଷରୁ ସହଯୋଗ କରାଯାଇ ନ ଥିଲା। ୩ ଘଣ୍ଟା କାଳ ଗଛ ତଳେ ପଡ଼ି ରହିବା ପରେ ପରିବାର ଲୋକେ ତାଙ୍କୁ ଫେରାଇ ନେଇଥିବା ଅଭିଯୋଗ ହୋଇଛି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅଭୟ କୁମାର ଦାଶ କହିଛନ୍ତି, ଘଟଣା ସମ୍ପର୍କରେ ମୋ ନିକଟରେ କୌଣସି ସୂଚନା ନାହିଁ।

# ଡେଲି ମାର୍କେଟରେ ଲାଗୁ ହେବ ନୂଆ ନିୟମ

**ଅନୁଗୋଳ ଅଫିସ, ୨।୧୦**

- ବକେୟା ନ ଦେଲେ ପିଣ୍ଡି ଛାଡ଼ିବେ ବ୍ୟବସାୟୀ
- ପୌରପାଳିକା ଜାରି କଲା ନୋଟିସ

ଅନୁଗୋଳ ପୌରପାଳିକାର ଡେଲି ମାର୍କେଟରେ ବ୍ୟବସାୟୀମାନେ ବକେୟା ଟଙ୍କା ନ ଦେଲେ ଏଣିକି ପିଣ୍ଡି ଛାଡ଼ିବେ। ଏ ନେଇ ପୌରପାଳିକା ପକ୍ଷରୁ ବ୍ୟବସାୟୀଙ୍କୁ ନୋଟିସ୍ ପ୍ରଦାନ କରାଯାଇଛି। ଜିଲାପାଳ ଶୁକ୍ରବାର ଡେଲି ମାର୍କେଟ ଗସ୍ତ କରି ଫେରିବା ପରେ ଏହି ନିର୍ଦ୍ଦେଶନାମା ବଳବତ୍ତର ରହିଛି। ଏ ନେଇ ବ୍ୟବସାୟୀଙ୍କୁ ଅବଗତ କରାଯାଇଥିବା ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଡେଲି ମାର୍କେଟରେ ୯୧ଟି ପିଣ୍ଡି ରହିଛି। ୨୦୧୪ ମସିହାରେ ୨୦ ହଜାର ଟଙ୍କା ଲେଖାଏ ବ୍ୟବସାୟୀଙ୍କ ନିକଟରୁ ସିକ୍ୟୁରିଟି ବାବଦକୁ ରଖାଯାଇଥିଲା। ଏହାପର ଠାରୁ ମାସକୁ ୩ଶହ ଟଙ୍କା ଲେଖାଏ ବ୍ୟବସାୟୀମାନେ ପୌରପାଳିକାକୁ ପ୍ରଦାନ କରିନାହାନ୍ତି। ତେଣୁ ପିଣ୍ଡି ଗୁଡ଼ିକରୁ ଏବେ ବକେୟା ଟଙ୍କା ପୌରପାଳିକା ଆଦାୟ କରିବ। ସିକ୍ୟୁରିଟି ବାବଦକୁ ୧୦ ହଜାର ଓ ଭଡ଼ା ବାବଦକୁ ୧୦ ହଜାର କାଟିବା ପରେ ଅବଶିଷ୍ଟ ଟଙ୍କା ବ୍ୟବସାୟୀମାନେ ଭରଣା କରିବେ। ନଚେତ ପିଣ୍ଡିରୁ ଉଠାଯିବ ବୋଲି ପୌରପାଳିକା ପକ୍ଷରୁ କୁହାଯାଇଛି। ଜିଲାପାଳଙ୍କ ସହ ଉପଜିଲାପାଳ ବାସୁଦେବ ଶତପଥୀ ଓ ନିର୍ବାହୀ ଅଧିକାରୀ ପଣ୍ଡା ଡେଲି ମାର୍କେଟ ଯାଇଥିଲେ।

# 'ଚାଷୀଙ୍କୁ ସର୍ବସ୍ୱାନ୍ତ କରିବ କୃଷି ଆଇନ'



କଂଗ୍ରେସ ପକ୍ଷରୁ କୃଷକ ପଦଯାତ୍ରା।

**ଢେଙ୍କାନାଳ ଅଫିସ, ୨।୧୦**

- କୃଷକ ପଦଯାତ୍ରାରେ ଗର୍ଜିଲା ଜିଲା କଂଗ୍ରେସ
- ବିଜେଡି, ଭାଜପାକୁ ଟାର୍ଗେଟ କଲେ କାର୍ଯ୍ୟକର୍ତ୍ତା

କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣିତ କୃଷି ଆଇନକୁ ବିରୋଧ କରି ଢେଙ୍କାନାଳ ଜିଲା କଂଗ୍ରେସ ପକ୍ଷରୁ ଆରମ୍ଭ ହୋଇଛି କୃଷକ ପଦଯାତ୍ରା। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଗାନ୍ଧୀପାର୍କରେ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା। କେନ୍ଦ୍ରର କୃଷି ଆଇନ ଚାଷୀଙ୍କୁ ସର୍ବସ୍ୱାନ୍ତ କରିଦେବ। ଏହାକୁ ତୁରନ୍ତ ପ୍ରତ୍ୟାହାର କରା ନ ଗଲେ ଦେଶବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। ସେହିପରି ଉତ୍ତରପ୍ରଦେଶ ଯୁବତୀ ଗଣବଳାତ୍କାର ଘଟଣାରେ ସ୍ଥାନୀୟ ସରକାରଙ୍କ ଆଭିମୁଖ୍ୟ, ପୀଡ଼ିତାଙ୍କ ପରିବାରକୁ ଭେଟିବାକୁ ଯାଉଥିବା ରାହୁଲ ଗାନ୍ଧୀଙ୍କୁ ଦୁର୍ବ୍ୟବହାର କରିବା ଆଦି ପ୍ରସଙ୍ଗରେ ଯୋଗୀ ସରକାରଙ୍କୁ ଟାର୍ଗେଟ କରିଥିଲେ ଜିଲା ସଭାପତି ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ। ଏହାର ପ୍ରତିବାଦରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ କୁଶ ପୁତ୍ତଳିକା ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଦାହ କରିଥିଲେ। ସେହିପରି କରୋନା ସମୟରେ ଓଡ଼ିଶା ସରକାର ବଢ଼ାଇଥିବା ବିଜୁଳି ଦର ଅମାନବୀୟ ଏବଂ ଏହାକୁ ପ୍ରତ୍ୟାହାର କରିବାକୁ ଦାବି କରାଯାଇଥିଲା।

ପ୍ରାରମ୍ଭରେ ଗାନ୍ଧୀ ମନ୍ଦିର ପରିସରରେ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଉପଲକ୍ଷେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

### ବିଦ୍ୟୁତ୍ ଆଘାତରେ ଜଣେ ମୃତ

**ଜଳେଶ୍ୱର, ୨।୧୦(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ଜଳେଶ୍ୱରର ବ୍ଲକ ଶିଖରପୁର ଅଞ୍ଚଳରେ ସୋଲ ଗଛ ସାଉଁଟୁଥିବା ବେଳେ ଶୁକ୍ରବାର ଅବଦୁଲ ହାଏ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପ୍ରାଣ ହରାଇଛନ୍ତି। ତାଙ୍କ ଘର କୋଲକାତାର କୋଲାଘାଟ ଅଞ୍ଚଳରେ ବୋଲି ପୋଲିସ ସୂଚନା ଦେଇଛି।

ଜିଲ୍ଲା ସ୍ତରୀୟ ନିଯୁକ୍ତି
ସମସ୍ତ ଜିଲ୍ଲାରୁ ପ୍ରାର୍ଥୀ/ପ୍ରାର୍ଥୀନି ଆବଶ୍ୟକ।
Qualification : 9th, 10th, +2, +3, ITI and Diploma.
Salary : Upto 30,000/-
Age : 18-35 years.
9668051710

WANTED
Financialy sound DISTRIBUTOR for Odisha. All district by a TV and Home Appliance Compnay. Urgent response.
Call: 9938895656
8249964640

APPOINTMENT
Required Female candidate for HEALTH CENTER with English speaking & Computer knowledge.
Plot No.17, Bhimatangi
Contact: 9668814120

# ୧୦୭ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୨।୧୦**

ଅନୁଗୋଳ ଜିଲାରୁ ୧୦୭ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ପଜିଟିଭ୍ ସଂଖ୍ୟା ୪,୭୨୪ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରେ ଅନୁଗୋଳ ପୌରପାଳିକାରୁ ସର୍ବାଧିକ ୩୦, କଣିହାଁ ବ୍ଲକରୁ ୨୨, ପାଲଲହଡ଼ା ବ୍ଲକରୁ ୯, ତାଳଚେର ବ୍ଲକରୁ ୭, ଅନୁଗୋଳ ବ୍ଲକରୁ ୬, ଛେଣ୍ଡିପଦା ବ୍ଲକରୁ ୫ ଓ କିଶୋରନଗର ବ୍ଲକରୁ ୨ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେହିପରି ଦିନକରେ ଜିଲାରୁ ୧୭୨ ଜଣ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

PANCHAYAT SAMITI OFFICE, TALCHER
No.2519/ Dt.28.09.2020
CORRIGENDUM
In connection with Tender Call Notice No.-TAL-01/2020-21/dt.07.09.2020, as per the decision of Tender Committee, the sale of bid document is hereby extended till 15.10.2020 and the bid documents will be received upto 20.10.2020 (5 P.M.) through Speed Post / Regd. Post only. Tender paper will be opened i.e. on dt.21.10.2020 at 10.30 A.M. The other term & condition will be remained unchanged. Any mistake will be rectified by the tender committee.
Sd./- Block Development Officer
Talcher

# ସଙ୍ଗଠନକୁ ସୁଦୃଢ଼ କର

**ଢେଙ୍କାନାଳ ଅଫିସ, ୨।୧୦**

ଢେଙ୍କାନାଳ ଜିଲା ବିଜେଡି ପକ୍ଷରୁ ଶୁକ୍ରବାର ସଚେତନତା ଅଭିଯାନର ଶୁଭାରମ୍ଭ ହୋଇଛି। ଦଳର ଜିଲା କାର୍ଯ୍ୟାଳୟରେ ନଗର ସଭାପତି ଇନ୍ଦ୍ରମଣି ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟ ଯୁବ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ବିଜୟ ନାୟକ ଯୋଗଦେଇ ମହାତ୍ମା ଗାନ୍ଧୀ ଏବଂ ଶାସ୍ତ୍ରୀଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଦଳୀୟ କାର୍ଯ୍ୟକ୍ରମ, ନୀତିଆଦର୍ଶକୁ ତୃଣମୂଳସ୍ତରରେ ପହଞ୍ଚାଇବାକୁ କର୍ମକର୍ତ୍ତାଙ୍କୁ ଆହ୍ୱାନ ଦିଆଯାଇଛି। ଦଳୀୟ ନେତୃବୃନ୍ଦ ଏକ ଶୋଭାଯାତ୍ରାରେ ବସ୍‌ଷ୍ଟାଣ୍ଡ ଗାନ୍ଧୀପାର୍କ ନିକଟକୁ ଯାଇ ସେଠାରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ବରିଷ୍ଠ ନେତା ବସନ୍ତ ତ୍ରିପାଠୀ, ବିଧାୟକଙ୍କ ପ୍ରତିନିଧି ଦେବାଶିଷ ମିଶ୍ର, ସାଗରିକା ମିଶ୍ର, ହର୍ଷବର୍ଦ୍ଧନ ସିଂଦେଓ, ଶଶିକାନ୍ତ ମିଶ୍ର, ସାଇଶ୍ରୀ ପଟ୍ଟନାୟକ, ସୁରଜ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ବିଜେଡିର ଜନସଚେତନତା ଅଭିଯାନ।

# ଗଡ଼ିଲା ଅଳିଆ ଗାଡ଼ି

**ଢେଙ୍କାନାଳ ଅଫିସ, ୨।୧୦**

ଢେଙ୍କାନାଳ ସହରର ସୌନ୍ଦର୍ଯ୍ୟ ବୃଦ୍ଧି ଏବଂ ଆବର୍ଜନା ପରିଚାଳନା ଲାଗି ଅଣ୍ଟା ଭିଡ଼ିଛି ପୌର ପ୍ରଶାସନ। ଏଣିକି ସ୍ମାର୍ଟ ଉପାୟରେ ସଫେଇ କାମ ହେବ। ଏଥିଲାଗି ଶୁକ୍ରବାର ଗାନ୍ଧୀ ଏବଂ ଶାସ୍ତ୍ରୀ ଜୟନ୍ତୀରେ ସହରରେ ଗଡ଼ିଛି ୬ ଅଳିଆ ଗାଡ଼ି। ବ୍ୟାଟେରି ଚାଳିତ ଏହି ଗାଡ଼ିରେ ପୌରାଞ୍ଚଳର ଗଳିକନ୍ଦିରୁ ଅଳିଆ ଉଠାଯିବ। ଜନସାଧାରଣ, ବ୍ୟବସାୟିକ ପ୍ରତିଷ୍ଠାନ ସଚେତନ ହୋଇ ଏଥିରେ ସହଯୋଗ କଲେ ସ୍ୱଚ୍ଛ ସହର ସ୍ୱପ୍ନ ସାକାର ହେବ ବୋଲି କହିଛନ୍ତି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା।

ସ୍ଥାନୀୟ ବସ୍‌ଷ୍ଟାଣ୍ଡସ୍ଥିତ ଗାନ୍ଧୀପାର୍କରେ ଆୟୋଜିତ ଜୟନ୍ତୀ ସମାରୋହ କାର୍ଯ୍ୟକ୍ରମରେ ଜିଲାପାଳ, ପିଡି ଡିଆରଡିଏ ନରୋତ୍ତମ ବେହେରା, ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶାନ୍ତ କୁମାର ମିଶ୍ର ପ୍ରମୁଖ ଦୁଇ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଆୟୋଜିତ ସର୍ବଧର୍ମ ପ୍ରାର୍ଥନାରେ ଅନୁପମା ମିଶ୍ର ଭାଗବତ ଗୀତା, ଜନାବ ନଜରୁଲ ଇସ୍‌ଲାମ କୋରାନ


ଜୟନ୍ତୀ ପାଳନ ଅବସରରେ ପ୍ରଶାସନିକ ଅଧିକାରୀ ଏବଂ ଅନ୍ୟମାନେ।

- ସ୍ୱଚ୍ଛ ସହର ପାଇଁ ଅଣ୍ଟା ଭିଡ଼ିଲା ପୌର ପ୍ରଶାସନ
- ଗାନ୍ଧୀ, ଶାସ୍ତ୍ରୀଙ୍କୁ ସ୍ମରଣ କଲେ ନେତା, ପ୍ରଶାସକ

ଓ ସରୋଜ କୁମାର ସିଂ ବାଇବେଲ ପାଠ କରିଥିଲ। ଏହି ଅବସରରେ ଫିଟ୍ ଇଣ୍ଡିଆ ମାରାଥନ ରାଲିକୁ ଜିଲାପାଳ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସେହିପରି ଗାନ୍ଧୀପାର୍କରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଏମ୍‌ପି ମହେଶ ସାହୁ ଗାନ୍ଧିଜୀଙ୍କ ନୀତିଆଦର୍ଶରେ ଅନୁପ୍ରାଣିତ ହେବା ସହିତ ଶାସ୍ତ୍ରୀଜୀଙ୍କ ଜୟ ଯବାନ, ଜୟ କିଷାନ ନାରାର ମୂଲ୍ୟବୋଧ ବୁଝିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଏମ୍‌ପି ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଉପସ୍ଥିତ ଜନସାଧାରଣଙ୍କୁ ମାସ୍କ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

DISTRICT PROJECT OFFICE
RTE-SAMAGRA SHIKSHA, JAJPUR
TENDER CALL NOTICE No. 1769/ Dt. 28.09.2020
No. n-22:- Sealed tenders under two bid system are invited from the Authorised eligible manufacturing company / dealer having valid PAN/GST registration certificate for supply of Godrej make furniture i.e. Chairs, Tables and Almirahs. The quotation will be received up to 5 P.M. on 15.10.2020 and will be opened on 16.10.2020 at 11 A.M. in presence of the quotationers or their authorized representatives in the O/o the DPC, SS, Jajpur.
The detail tender call notice along with all other terms and conditions can be downloaded from the district website www.Jajpur.nic.in
By order of Collector-cum-Chariman,
RTE-SS, Jajpur
Sd./- District Project Coordinator,
RTE-SS, Jajpur
OIPR-27047/11/0001/2021

## ସଂକ୍ଷେପରେ

### ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର

**ପାଲଲହଡ଼ା, ୨।୧୦(ଡି.ଏନ.ଏ.):** ଅନୁଗୋଳ ଜିଲା ଖମାର ଥାନା କୁଞ୍ଜାମ ପଞ୍ଚାୟତ ସମାକୋଇ ନଦୀ ପୋଲ ବାଲିଘାଟ ନିକଟରେ ଏକ ପଥର ଖୋଲ ମଧରେ ଜଣେ ଅଚିହ୍ନା ଯୁବକଙ୍କ ଗଳିତ ମୃତଦେହ ଶୁକ୍ରବାର ଉଦ୍ଧାର କରାଯାଇଛି। ସନ୍ଧ୍ୟାରେ ସ୍ଥାନୀୟ କେତେଜଣ ଲୋକ ନଦୀପଠାକୁ ଯାଉଥିବାବେଳେ ପଥରଖୋଲ ମଧରେ ମୃତଦେହ ପଡିଥିବା ଦେଖିଥିଲେ। ଖମାର ପୋଲିସ ନଂ. ୧୬/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ମୃତ୍ୟୁ ରହସ୍ୟ ଉନ୍ମୋଚିତ ହେବ ବୋଲି ଥାନାଧିକାରୀ ନିରୋଦ କୁମାର ଦାସ ସୂଚନା ଦେଇଛନ୍ତି।

### ୬୨ ଗୋରୁ ଉଦ୍ଧାର

**ପାଲଲହଡ଼ା, ୨।୧୦(ଡି.ଏନ.ଏ.):** ବେଆଇନ ଭାବେ ଗୋରୁ ଚାଲାଣବେଳେ ଅନୁଗୋଳ ଜିଲା ଖମାର ଥାନା ପୋଲିସ ଆଲୋରୀ ପଞ୍ଚାୟତ ନୂଆଗାଁ ପାଖ ଚୁର ଘାଟି ନିକଟରୁ ଶୁକ୍ରବାର ୬୨ ଗୋରୁ ଉଦ୍ଧାର କରିଛି। ଗୋ-ଚାଲାଣରେ ବ୍ୟବହୃତ ଏକ ଟାଟା ଏସିଇ ଗାଡ଼ି ଜବତ କରାଯାଇଛି। ଗୋସୁରକ୍ଷା ବାହିନୀର ବାଲକ୍ରିଷ୍ଣ ପାଳ, ଶକୁନ୍ତଳା ସାହୁ ଓ ସ୍ଥାନୀୟ ଲୋକେ ୬ ଜଣଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ଖମାର ଥାନା ଅତିରିକ୍ତ ଅଧିକାରୀ ପ୍ରିୟବ୍ରତ ପ୍ରଧାନ, ଏଏସଆଇ ଗୌରାଙ୍ଗ ବେହେରା, ପ୍ରସନ୍ନ କୁମାର ବାର୍ଲା ପ୍ରମୁଖ ପହଞ୍ଚି ଉଦ୍ଧାର ଗୋରୁଙ୍କୁ ଗୋସୁରକ୍ଷା ବାହିନୀର ଜିଲା ସଭାପତି ଶକୁନ୍ତଳା ସାହୁଙ୍କ ଜିମା ଦେଇଛନ୍ତି।

### ୫ ସଙ୍ଗଠନକୁ ପୁରସ୍କାର

**ଅନୁଗୋଳ ଅଫିସ, ୨।୧୦:** କରୋନା କଟକଣା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟର ରକ୍ତଦାନ ଭବନରେ ଗୁରୁବାର ନିରାଡମ୍ବର ଭାବେ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ରକ୍ତ ସଙ୍କଟ ଦୂର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ୫ଟି ସଙ୍ଗଠନକୁ ଏଥିରେ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ବିଶ୍ୱଜିତ୍ ସାମଲ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

### କଟକଣାରେ ହେବ ମହାଲକ୍ଷ୍ମୀ ପୂଜା

**ମାଧପୁର, ୨।୧୦:** ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ମାଧପୁରର ପ୍ରସିଦ୍ଧ ଚୌରାଶୀ ମହାଲକ୍ଷ୍ମୀ ପୂଜା ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ହାଟମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଶାସନିକ ନିଷ୍ପତ୍ତି ଅନୁଯାୟୀ କରୋନା କଟକଣା ତଥା ସମସ୍ତ ନିୟମ ପାଳନ କରାଯାଇ ପୂଜା କରାଯିବ। ଏ ସଂକ୍ରାନ୍ତରେ ପୂଜା କମିଟିର କର୍ମକର୍ତ୍ତାଙ୍କ ମତାମତ ଲୋଡ଼ାଯାଇଥିଲା। ପୂଜାକୁ ଶୃଙ୍ଖଳିତ କରିବାକୁ ସାମୂହିକ ଭାବେ ନିଷ୍ପତ୍ତି ହୋଇଛି। ଆଲୋଚନାରେ ପୂଜା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

# ନିୟୋଜିତ ହେବେ କୋଭିଡ୍ ମନିଟର



ସମୀକ୍ଷା ବୈଠକରେ ଜିଲାପାଳଙ୍କ ସହ ଅନ୍ୟମାନେ।

**ଅନୁଗୋଳ ଅଫିସ, ୨।୧୦**

**ସ୍ଥିତି ସମୀକ୍ଷା କଲେ ଜିଲାପାଳ**

ଅନୁଗୋଳ ଜିଲାରେ କୋଭିଡ୍ ସ୍ଥିତି ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ଏହାକୁ ନିୟନ୍ତ୍ରଣ କରିବା ପାଇଁ ପ୍ରତ୍ୟେକ ଦିନ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରୁଛନ୍ତି। ଗୁରୁବାର ଅନୁଷ୍ଠିତ ସମୀକ୍ଷା ବୈଠକରେ ଜିଲାପାଳ ପ୍ରତି ଗାଁ ଓ ୱାର୍ଡରେ କୋଭିଡ୍ ମନିଟର ନିୟୋଜିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଲକ୍ଷଣ ଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି ଜିଲା ପ୍ରଶାସନକୁ ନିୟମିତ ଜଣାଇଲେ ପ୍ରତିଷେଧକ ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ କହିଛନ୍ତି। କୋଭିଡ୍ କଟକଣା ପାଳନ କରୁ ନ ଥିବା ବ୍ୟକ୍ତି ଓ ଅନୁଷ୍ଠାନ ନିକଟରୁ ବର୍ତ୍ତମାନ ସୁଦ୍ଧା ୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଜରିମାନା ଆଦାୟ ହୋଇଛି। ୧୪ ଦିନ ମଧ୍ୟରେ ଯେଉଁ ଗାଁ ଓ ୱାର୍ଡରେ କରୋନା ପଜିଟିଭ୍ ଚିହ୍ନଟ ହୋଇଛି ତାହାକୁ ରେଡ୍ ଭିଲେଜ୍ ଭାବେ ଘୋଷଣା କରାଯାଇ ଜିଲା ପ୍ରଶାସନ ପକ୍ଷରୁ ପ୍ରତିଷେଧକ ବ୍ୟବସ୍ଥା କରାଯାଉଛି। ବର୍ତ୍ତମାନ ସୁଦ୍ଧା ୨୯୭ ଗାଁକୁ ରେଡ୍ ଭିଲେଜ ଘୋଷଣା କରାଯାଇଥିବା ସୂଚନା ଦିଆଯାଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲ୍ଲୀପ କୁମାର ସାହୁ, ଉପଜିଲାପାଳ ବାସୁଦେବ ଶତପଥୀ, ସିଡିଏମ୍‌ଓ ଅଭୟ କୁମାର ଦାଶଙ୍କ ସମେତ ଜିଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ସ୍ମେଲ୍‌ଟରରେ ୬୫ ପଟ୍ ଅଚଳ

**ବଅଁରପାଳ, ୨।୧୦(ଡି.ଏନ.ଏ.)**

ନାଲ୍‌କୋ ସିପିପିରେ ୨ଦିନ ହେଲା ବିଦ୍ୟୁତ୍ ସମସ୍ୟା ଲାଗିରହିଛି। ଶୁକ୍ରବାର ଅପରାହ୍ନ ୩ଟା ୪୦ରୁ ପ୍ଲାଣ୍ଟରେ ବିଦ୍ୟୁତ୍ ବିଭ୍ରାଟ ଯୋଗୁ ୧୨ଶହ ମେଗାୱାଟ ବିଶିଷ୍ଟ ୧୦ ବିଦ୍ୟୁତ୍ ୟୁନିଟ୍‌ରେ ସମସ୍ୟା ଉପୁଜିଛି। ସ୍ମେଲଟର ପ୍ଲାଣ୍ଟକୁ ବିଦ୍ୟୁତ୍ ଯୋଗାଣରେ ବାଧା ଉପୁଜୁଥିବାରୁ ୬୫ରୁ ଊର୍ଦ୍ଧ୍ୱ ପଟ୍ ଅଚଳ ହୋଇପଡିଛି। ମୋଟ୍ ୯୬୦ ପଟ୍ ମଧ୍ୟରୁ ୮୬୦ କାର୍ଯ୍ୟକ୍ଷମ ଥିଲା। ୨ଦିନ ହେଲା ବ୍ଲାକ ଆଉଟ ସମସ୍ୟା ଲାଗିରହିଛି। ପଟ୍‌ଗୁଡିକ ଲୋ ଆମ୍ପିୟରରେ ଚାଲୁଛି। ଫଳରେ ଆଲୁମିନିୟମ ଉତ୍ପାଦନ ହ୍ରାସ ପାଇଛି। ବିଦ୍ୟୁତ୍ ସମସ୍ୟା ଯୋଗୁ ଏପରି ହୋଇଥିବା ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି।

## ସ୍ୱାସ୍ଥ୍ୟ ସେବା ଅନୁଧ୍ୟାନ କଲେ ଜିଲାପାଳ

**ଅନୁଗୋଳ ଅଫିସ, ୨।୧୦**

ଗାନ୍ଧୀଜୟନ୍ତୀ ଅବସରରେ ସହରର ବିଭିନ୍ନ ସ୍ଥାନ ଗସ୍ତ କରିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ସ୍ୱାସ୍ଥ୍ୟସେବାର ଅନୁଧ୍ୟାନ କରିଛନ୍ତି। ଦାୟିତ୍ୱ ନେବା ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଜିଲାପାଳଙ୍କ ଏହା ପ୍ରଥମ ଗ୍ରସ୍ତ ଥିଲା। ମେଡିକାଲରେ ବିଭିନ୍ନ ସମୟରେ ଦଲାଲ୍‌ମାନେ ରୋଗୀ ଓ ସମ୍ପର୍କୀୟଙ୍କୁ ଶୋଷଣ କରୁଥିବା ଅଭିଯୋଗ ହେଉଥିବାରୁ ଜିଲାପାଳ ଅସନ୍ତୋଷ ପ୍ରକାଶ କରିଥିଲେ। ବ୍ୟବସ୍ଥାରେ ସୁଧାର ଆଣିବାକୁ ସେ ନିର୍ଦ୍ଦେଶ ଦେଇଥିଲେ।

ଜିଲାପାଳଙ୍କ ସହ ଉପଜିଲାପାଳ ବାସୁଦେବ ଶତପଥୀ, ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା ନିର୍ମାଣାଧୀନ କରୋନା ଆର୍ଟିଫିସିଆଲ ଲାବୋରେଟୋରିର ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି କାର୍ଯ୍ୟ ତୁରନ୍ତ ଶେଷ କରି ଲାବ୍ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କରୋନା ପରୀକ୍ଷା ହେଉଥିବା ଲାବ୍, କୋଭିଡ୍ ଆଇସୋଲେଶନ୍ ୱାର୍ଡ, ପାଥୋଲୋଜି, ପ୍ରସ୍ତାବିତ ଟ୍ରମା କେୟାର ସେଣ୍ଟର ସ୍ଥାନ ବୁଲି ଦେଖିଥିଲେ। ମେଡିକାଲର ଉନ୍ନତି, ଅତ୍ୟାଧୁନିକ ମୁଖ୍ୟ ଫାଟକ ନିର୍ମାଣ ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ଯେଉଁଠିକୁ ରୋଗୀମାନେ ସ୍ୱତନ୍ତ୍ର ଭାବେ ଯିବାଆସିବା କରିପାରୁଥିବେ ସେପରି ସ୍ଥାନରେ ଆଇସୋଲେଶନ୍ ୱାର୍ଡ ଖୋଲାଯିବା ନେଇ ବିଚାର କରାଯିବ ବୋଲି ଜିଲାପାଳ କହିଥିଲେ। ମେଡିକାଲ ପଛପାର୍ଶ୍ୱରେ ଗଦା ହୋଇଥିବା ଆବର୍ଜନା ତୁରନ୍ତ ସଫା କରିବାକୁ ପୌରନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସିଡିଏମ୍‌ଓ ଅଭୟ କୁମାର ଦାଶ, ମେଡିକାଲ ମ୍ୟାନେଜର ଦେବାଶିଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ନିଜ ଖର୍ଚ୍ଚରେ ରାସ୍ତା ମରାମତି

**ବଅଁରପାଳ, ୨।୧୦(ଡି.ଏନ.ଏ.)**



ରାସ୍ତା ମରାମତି କରାଯାଉଛି।

ବଅଁରପାଳ ବ୍ଲକ କୁଲାଡଠାରୁ ଗିରାଙ୍ଗ ପର୍ଯ୍ୟନ୍ତ ରାସ୍ତା ଦୀର୍ଘ ଦିନରୁ ଶୋଚନୀୟ ହୋଇପଡିଛି। ରାସ୍ତାସାରା ଖାଲଖମାରେ ଭର୍ତ୍ତି ହୋଇଥିବାରୁ ବାରମ୍ବାର ଏହାର ଉନ୍ନତୀକରଣ ପାଇଁ ଦାବି ସତ୍ତ୍ୱେ କେହି ଶୁଣୁ ନ ଥିବା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ସେଠାରେ ଯାତାୟାତ ସୁଗମ କରିବାକୁ ନିଜ ଉଦ୍ୟମରେ ଶୁକ୍ରବାର ରାସ୍ତା ମରାମତି କରିଛନ୍ତି ରୋଡ୍ ଆଣ୍ଡ ରୁଫ୍‌ର ନିର୍ଦ୍ଦେଶକ ଅଭୟ ସିଂ। ନିଜେ ସମସ୍ତ ଖର୍ଚ୍ଚ ଉଠାଇ ସେ ଟ୍ରାକ୍ଟର, ଜେସିବି ମେଶିନ ଲଗାଇବା ସହ ଶ୍ରମିକଙ୍କ ଜରିଆରେ ରାସ୍ତା କାମ କରାଇଛନ୍ତି। ଗାନ୍ଧୀ ଜୟନ୍ତୀ ଅବସରରେ ଏହି କାମ ପାଇଁ କୁଲାଡ ଗ୍ରାମବାସୀ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମରାମତି କାମ ବେଳେ ନାଲ୍‌କୋ ପେରିଫେରି ଟ୍ରକ୍ ମାଲିକ ସଂଘ ସଭାପତି ସୁବାସ ଚନ୍ଦ୍ର ପଟ୍ଟନାୟକ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପଦ୍ମନାଭ ଅମାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## 'ବରିଷ୍ଠ ନାଗରିକ ଦିଗ୍‌ଦର୍ଶକ'

**ଢେଙ୍କାନାଳ ଅଫିସ, ୨।୧୦**

ଢେଙ୍କାନାଳ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସ୍ଥାନୀୟ ବିବାଦ ବିକଳ୍ପ ସମାଧାନ କେନ୍ଦ୍ର ପରିସରରେ ଗୁରୁବାର ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ପ୍ରାଧିକରଣର ଅଧ୍ୟକ୍ଷ ଶରତ କୁମାର ଦେହୁରୀଙ୍କ ନିର୍ଦ୍ଦେଶରେ ଅନ୍‌ଲାଇନ୍‌ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ନାଗରିକ ସମାଜର ଦିଗ୍‌ଦର୍ଶକ। ସେମାନଙ୍କ ଅନୁଭୂତି, ଅନୁଭବ ସମସ୍ୟା ସମାଧାନରେ କାର୍ଯ୍ୟରେ ଆସିବ ବୋଲି ମତପ୍ରକାଶ ପାଇଥିଲା। ପ୍ରାଧିକରଣ ସଚିବ ସୁକାନ୍ତ କିଶୋର ଜେନା ବରିଷ୍ଠ ନାଗରିକଙ୍କ ପାଇଁ ଥିବା ଆଇନଗତ ଅଧିକାର ସମ୍ପର୍କରେ ଆଲୋଚନା କରିବା ସହ ଆବଶ୍ୟକ ସମୟରେ ସହାୟତା ଲୋଡ଼ିବାକୁ ନିବେଦନ କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରସନ୍ନ କୁମାର ମଲ୍ଲିକ ବରିଷ୍ଠ ନାଗରିକଙ୍କ ପାଇଁ ଥିବା ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ମହର୍ଷି ଦୟାନନ୍ଦ ସର୍ଭିସ ମିଶନ, ବରିଷ୍ଠ ନାଗରିକ ଗୃହର ଅନ୍ତେବାସୀ, ପ୍ରାଧିକରଣ ପ୍ୟାନେଲ ଲୟର, ପାରାଲିଗାଲ ଭଲ୍ୟୁଣ୍ଟିୟରମାନେ ଆଲୋଚନାରେ ଭାଗ ନେଇଥିଲେ।

## ଘରୋଇକରଣକୁ ବିରୋଧ

**ଅନୁଗୋଳ ଅଫିସ, ୨।୧୦**

କରୋନା ମହାମାରୀକୁ ନେଇ ଦେଶରେ ଚିନ୍ତା ବଢୁଥିବା ବେଳେ ସର୍ବବୃହତ୍ ଲାଭଦାୟକ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ରେଳ ବିଭାଗକୁ କେନ୍ଦ୍ରର ନରେନ୍ଦ୍ର ମୋଦି ନେତୃତ୍ୱାଧୀନ ସରକାର ଘରୋଇ ସଂସ୍ଥାକୁ ବିକ୍ରି କରିଦେବାକୁ ବସିଛନ୍ତି। ଏହି ଘରୋଇକରଣକୁ ବିରୋଧ କରି କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଏଆଇୟୁଟିୟୁସି ଆହ୍ୱାନରେ ସାରା ଭାରତରେ ପ୍ରତିବାଦ ଅବସରରେ ଅନୁଗୋଳ ରେଲୱେ ଷ୍ଟେଶନଠାରେ ପ୍ରତିବାଦ କରାଯାଇଥିଲା। ଏଆଇୟୁଟିୟୁସି ଜିଲା ସଭାପତି ପ୍ରହଲ୍ଲାଦ ଚନ୍ଦ୍ର ସାହୁ ଏହାର ନେତୃତ୍ୱ ନେଇଥିଲେ। ପରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଷ୍ଟେଶନ ମାଷ୍ଟରଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ବାମୁରଠାରେ ଏସ୍‌ୟୁସିଆଇ ପକ୍ଷରୁ ବିକ୍ଷୋଭ କରାଯାଇଥିଲା। ବାମୁର ଷ୍ଟେଶନ ମାଷ୍ଟରଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ନେପୁରେ ମିଶିଲେ ୬ ଶ୍ରମିକ ନେତା



ନେପୁରେ ସାମିଲ ହୋଇଥିବା ଶ୍ରମିକନେତାମାନେ।

**ବଅଁରପାଳ, ୨।୧୦(ଡି.ଏନ.ଏ.)**

ହିନ୍ଦ୍ ମଜଦୁର ସଭା ସହବନ୍ଧିତ ନାଲ୍‌କୋ ପ୍ରୋଗେସିଭ ଏମ୍ପ୍ଲଇଜ ୟୁନିୟନ (ନେପୁ)ରେ ୬ଜଣ ଶ୍ରମିକ ନେତା ଶୁକ୍ରବାର ଯୋଗଦେଇଛନ୍ତି। ନେପୁ କାର୍ଯ୍ୟକାରୀ ସଭାପତି ମାଙ୍ଗିଲାଲ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଗଣେଶ୍ୱର ବେହେରା, ଅଥାନି ବେହେରା, ସନ୍ତୋଷ ନାୟକ, ଦୀପକ ବେହେରା, ସୁବାସ ବେହେରା ଓ ପ୍ରତାପ ସ୍ୱାଇଁ ନେପୁରେ ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ ବୈରାଗୀ ସେଠ, କାର୍ଯ୍ୟକାରୀ ସଭାପତି ଅଜୟ କୁମାର ଦାସ, ସର୍ବସିଦ୍ଧି ବାଗ, ସତ୍ୟଜିତ୍ ବିଶ୍ୱାଳ, ସରୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଅବକାରୀ ଚଢ଼ାଉ: ୪ ଗିରଫ

**ପାଟଣା, ୨।୧୦(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ପାଟଣା, ତୁରୁମୁଙ୍ଗା ଓ ଘଟଗାଁ ଥାନା ଅଧୀନ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବିପୁଳ ପରିମାଣର ମଦ ଜବତ କରାଯାଇଛି। କେନ୍ଦେଇପଶିର ଉର୍ମିଳା ବେହେରା, ଗମ୍ଭାରୀଆର ତୁଳସୀ ମୁଣ୍ଡା, ପୁରଣାପାଣିର ବାସନ୍ତୀ ମାଝି ଓ ନୂଆପଡାର ରାଇମଣି ମାଝି ଗିରଫ ହୋଇଛନ୍ତି।। ଏମାନଙ୍କଠାରୁ ୭୫ ଲିଟର ମହୁଲି ମଦ ସହ ୧୪ ଶହ ଲିଟର ପୋଚ ଜବତ ହୋଇଛି।

## ଚାଷୀଙ୍କ ଚିନ୍ତା ପତ୍ରପୋଡ଼ା



ରୋଗପୋକ ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ଧାନଚାଷ।

**ମାଧପୁର, ୨।୧୦**

ଧାନ ଗଛରେ ପତ୍ରପୋଡା ରୋଗପୋକ ଯୋଗୁ ଚିନ୍ତାରେ ପଡିଛନ୍ତି ଆଠମଲ୍ଲିକ ବ୍ଲକ ମାଧପୁର ଅଞ୍ଚଳର ଚାଷୀ। ବର୍ଷା ପରେ ଭଲ ଫସଲ ଅମଳ ଆଶା ଥିବାବେଳେ ଏବେ ଧାନ ଗଛରେ ପତ୍ରପୋଡା ରୋଗପୋକ ଯୋଗୁ କ୍ଷତି ହେବା ନେଇ ଚାଷୀଙ୍କ ଆଶଙ୍କା ବଢିଛି। ବିଭାଗ ପକ୍ଷରୁ ଏ ନେଇ ଆବଶ୍ୟକ ବ୍ୟବସ୍ଥା ତଥା ଚାଷୀଙ୍କୁ ସଚେତନ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏଥିସହ ପଞ୍ଚାୟତସ୍ତରୀୟ କୃଷି ଅଧିକାରୀ ମଧ କ୍ଷେତ୍ର ପରିଦର୍ଶନ କରୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ କୃଷି ଅଧିକାରୀ ଅଞ୍ଜନ ପ୍ରଧାନ କହିଛନ୍ତି, ପଞ୍ଚାୟତସ୍ତରୀୟ ଅଧିକାରୀମାନେ ଚାଷ ଜମି ପରିଦର୍ଶନ କରୁଛନ୍ତି। ମାଧପୁରରେ ୩ଟି ଲାଇସେନ୍ସପ୍ରାପ୍ତ ଦୋକାନରେ ୫୦ ପ୍ରତିଶତ ମୂଲ୍ୟ ଛାଡ କରାଯାଇ ଔଷଧ ମିଳୁଛି। ଚାଷୀମାନେ ସେହି ଔଷଧ ସିଞ୍ଚନ କରିପାରିବେ। କ୍ଷେତରେ ପାଣି ଜମିଲେ କିମ୍ବା ୟୁରିଆ ସାର ବେଶି ପ୍ରୟୋଗ କଲେ ଏମିତି ରୋଗ ହୁଏ ବୋଲି ସେ ପ୍ରକାଶ କରିଛନ୍ତି।

## ଦୁର୍ଘଟଣାରେ ଯୁବକ ମୃତ

**ରୂପ୍‌ସା, ୨।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ୬୦ନଂ. ଜାତୀୟ ରାଜପଥର ସଦର ବ୍ଲକ ଅନ୍ତର୍ଗତ ହଳଦୀପଦା ଗେମନ ବ୍ରିଜ୍‌ଠାରେ ଏକ ଭ୍ୟାନ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଞ୍ଚଳର ସଞ୍ଜୟ କୁମାର ରଣା (୩୦)।

ସଞ୍ଜୟ ବାଲେଶ୍ୱରରେ ଏକ ପେଟ୍ରୋଲ ପମ୍ପରେ କାର୍ଯ୍ୟ କରନ୍ତି। ସେ ଡ୍ୟୁଟି ସାରି ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ଏକ ଭ୍ୟାନ୍ ସହ ଧକ୍କା ହୋଇ ଗୁରୁତର ହୋଇଥିଲେ। ଖବରପାଇ ହଳଦୀପଦା ଫାଣ୍ଡି ଅଧିକାରୀ ବଦ୍ରି ଶଙ୍କର ଷଣ୍ଡ ପହଞ୍ଚି ଆହତ ଯୁବକଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ପୋଲିସ ଏକ ମାମଲା (ନଂ. ୨୭୦/୨୦) ରୁଜୁ କରି ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଇଛି।

# ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ଲାଗି ନିବେଦନ

**ବାଲେଶ୍ୱର ଅଫିସ, ୨।୧୦**

କଳାକାରମାନଙ୍କ ବହୁବିଧ ସମସ୍ୟା ସମାଧାନ କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ କରିବା ଉଦ୍ଦେଶ୍ୟରେ ବାଲେଶ୍ୱର ଜିଲା କଳା ସଂସ୍କୃତି ସଂଘ ପକ୍ଷରୁ ଏକ ଦାବିପତ୍ର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କୁ ଜିଲା ସଂସ୍କୃତି ଅଧିକାରିଣୀ ମନସ୍ୱିନୀ ରାଉତଙ୍କ ମାଧ୍ୟମରେ ପ୍ରଦାନ କରାଯାଇଛି।

ଅଲ୍ ଓଡ଼ିଶା ପରଫରମିଂ ଆର୍ଟିଷ୍ଟ ଆସୋସିଏଶନ୍ ବାଲେଶ୍ୱର ଜିଲା ଶାଖା ପକ୍ଷରୁ ସମସ୍ତ କଳାକାର ସଂସ୍କୃତି ବିଭାଗ ଅଧୀନରେ ପ୍ରଦତ୍ତ କାର୍ଯ୍ୟକ୍ରମକୁ ପରିବେଷଣ କରି ପରିବାର ଭରଣପୋଷଣ କରିଥାନ୍ତି। କରୋନା ପାଇଁ ଗତ ମାର୍ଚ୍ଚଠାରୁ ଏହି କାର୍ଯ୍ୟକ୍ରମ ହୋଇପାରୁ ନ ଥିବା ବେଳେ ସେମାନଙ୍କ ପରିବାର ଆର୍ଥିକ ସମସ୍ୟା ମଧ୍ୟରେ ଘାଣ୍ଟି ହେଉଛନ୍ତି। ଘରେ ଚୁଲି ଜଳିବା ସମ୍ଭବ ହେଉ ନ ଥିବା ବେଳେ ଓଳିଏ ଖାଇ ଓଳିଏ ଉପାସ ରହୁଛନ୍ତି। ସେଥିପାଇଁ ଅକ୍ଟୋବରରୁ ରାଜ୍ୟ ସରକାରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ମୁକ୍ତ ମଞ୍ଚରେ ସାମାଜିକ ଦୂରତା ସହ ସମ୍ପାଦନ କରିବା, ସାଂସ୍କୃତିକ ସଂସ୍ଥାଗୁଡ଼ିକୁ ଆର୍ଥିକ ସହାୟତା, କଳାକାରଙ୍କୁ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଆର୍ଥିକ ସହାୟତା ପ୍ରଦାନ କରିବା ସହ ବୀମାଭୁକ୍ତ ସର୍ବୋପରି କଳାକାରମାନଙ୍କ ଦ୍ୱାରା କରୋନା ସଚେତନତା କାର୍ଯ୍ୟକ୍ରମ କରିବା ପାଇଁ ନିବେଦନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଉପସଭାପତି ଚନ୍ଦ୍ରମୋହନ ରାଉଳ, ମନୋରଞ୍ଜନ ଦାସ, ଜଗଦୀଶ ବେହେରା, ଶ୍ୟାମସୁନ୍ଦର ଦାସ, ଉମାକାନ୍ତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।




ଦାବିପତ୍ର ଦେବାକୁ ଆସିଥିବା କଳାକାର।

# ପାଣି ପାଇଁ ସକାଳୁ ଲାଗୁଛି ଧାଡ଼ି

**ବାଲେଶ୍ୱର ଅଫିସ, ୨।୧୦**

ବାଲେଶ୍ୱର ଜିଲା ସଦର ବ୍ଲକ ଅନ୍ତର୍ଗତ କସିପଦା ପଞ୍ଚାୟତର ହରିଜନ ବସ୍ତିରେ ସ୍ୱାଧୀନତାର ୭୪ବର୍ଷ ପରେ ମଧ ୨୨୦ପରିବାର ଲୋକଙ୍କ ପାଇଁ ପାନୀୟଜଳ ସୁବିଧା ହୋଇପାରିନାହିଁ। ଏକମାତ୍ର ସରକାରୀ ନଳକୂପରୁ ସକାଳଠୁ ସନ୍ଧ୍ୟା ଯାଏ ଲୋକେ ଧାଡି କରି ପାଣି ସଂଗ୍ରହ କରୁଛନ୍ତି। ଆବେଦନ ପରେ ଆବେଦନ କରାଯାଉଥିଲେ ମଧ ସରପଞ୍ଚ, ବିଡିଓ, ବିଧାୟକ ଏନେଇ କୌଣସି ପଦକ୍ଷେପ ନେଉନାହାନ୍ତି। ଶେଷରେ ସ୍ଥାନୀୟ ଲୋକେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଦ୍ୱାରସ୍ଥ ହୋଇଛନ୍ତି।

୨୨୦ ପରିବାର ଲୋକଙ୍କ ପିଇବା ପାଣି ପାଇଁ ଗୋଟିଏ ନଳକୂପ ରହିଛି। ପାଣି ଲାଗି ସକାଳଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଲୋକମାନେ ଧାଡ଼ି ବାନ୍ଧି ଜଣକ ପରେ ଜଣେ ପାଣି ନେଉଛନ୍ତି। ରାଜନୈତିକ ନେତାଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତେ ସମସ୍ୟା ସମ୍ବନ୍ଧରେ ଅବଗତ ଥାଇ ମଧ କୌଣସି ସୁଫଳ ମିଳୁନାହିଁ।



ଗ୍ରାମରେ ଥିବା ଏକମାତ୍ର ନଳକୂପ।

ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେଉଥିଲେ ମଧ ଏହା କାର୍ଯ୍ୟକାରୀ କରାଯାଉନାହିଁ। ଉକ୍ତ ଗ୍ରାମରେ ଗୋଟିଏ ପଞ୍ଚାୟତ ପୋଖରୀ ରହିଛି। ପଞ୍ଚାୟତ ନିଲାମ ଦେବା କାରଣରୁ ନିଲାମଧାରୀମାନେ ଉକ୍ତ ପୋଖରୀରେ ମାଛ ଚାଷ ପାଇଁ ବିଭିନ୍ନ ପ୍ରକାର ଖାଦ୍ୟ ଓ ଔଷଧ ପ୍ରୟୋଗ କରୁଛନ୍ତି। ଫଳରେ ପାଣି ଦୂଷିତ ହେଉଛି। ଜନସାଧାରଣ ଏହି ପାଣିକୁ ବ୍ୟବହାର କରିବା ସମ୍ଭବ ହୋଇପାରୁନାହିଁ। ପୋଖରୀ ପାଣିକୁ ଠିକ୍ କରିବା ପାଇଁ ସରପଞ୍ଚଙ୍କ ନିକଟରେ ଦାବି ହୋଇଥିଲେ ମଧ କାର୍ଯ୍ୟକାରୀ କରାଯାଉନାହିଁ। ପାନୀୟଜଳ ପାଇଁ ଉଠାଜଳସେଚନ

**୨୨୦ ପରିବାରଙ୍କୁ ଗୋଟିଏ ନଳକୂପ**

ବିଭାଗ ପକ୍ଷରୁ ପ୍ରାୟ ୧୦ବର୍ଷ ପୂର୍ବରୁ ଗ୍ରାମକୁ ପାଇପ୍ ସଂଯୋଗ କରାଯାଇଛି। ପଞ୍ଚାୟତର ୧୧ୱାର୍ଡରୁ ଗୋଟିଏ ୱାର୍ଡକୁ ଛାଡ଼ିଦେଲେ ଅନ୍ୟ ୱାର୍ଡଗୁଡ଼ିକୁ କୌଣସି କାରଣରୁ ଏଯାବତ୍ ପାଇପ୍‌ରେ ପାଣି ଆସିବା ସମ୍ଭବ ହୋଇପାରିନାହିଁ। କରୋନା ସମୟରେ ଉକ୍ତ ଗ୍ରାମର ୧ହଜାରରୁ ଊର୍ଦ୍ଧ୍ୱ ଲୋକ ପାନୀୟ ଜଳ ପାଇଁ ଉହଳବିକଳ ହେଉଛନ୍ତି। ଜରୁରିକାଳୀନ ପରିସ୍ଥିତିରେ ଏକ ନଳକୂପ ଖନନ କରି ପାନୀୟ ଜଳ ଯୋଗାଇଦେବା ପାଇଁ ଉକ୍ତ ଗ୍ରାମର ମୁରଲୀ ବଇଠା, ଗୁରୁବାରି ପଣ୍ଡା, ସଞ୍ଜୁମଣି ଗୋଚ୍ଛାୟତ, ସରସ୍ୱତୀ ବଇଠା, ରିତା ବେହେରା, ଚନ୍ଦ୍ରକାନ୍ତ ମୁଖି, ଉତ୍ତମ ବେହେରା ପ୍ରମୁଖ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ଆଗକୁ ହେବାକୁ ଥିବା ସଦର ବିଧାନସଭା ନିର୍ବାଚନମଣ୍ଡଳୀର ଉପନିର୍ବାଚନ ପୂର୍ବରୁ ପାନୀୟ ଜଳର ବ୍ୟବସ୍ଥା କରା ନ ଗଲେ ସମୂହ ଭୋଟ ବର୍ଜନ କରିବେ ବୋଲି ମନୋରଞ୍ଜନ ନାୟକ ଚେତାବନୀ ଦେଇଛନ୍ତି।

